# କଟକ ମହାନଗର ନିଗମର ସ୍ୱତନ୍ତ୍ର ବୈଠକ ବିବରଣୀ

**ତା. ୧୯.୦୯.୨୦୧୮ ରିଖ , ସମୟ : ଅପରାହ୍ନ - ୦୩.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୧୯.୦୯.୨୦୧୮ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ, | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୩. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୪. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୫. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୬. | ଶ୍ରୀଯୁକ୍ତା ପାରୁଲ ଜୟସାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୮. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୯. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୩୦. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୩୧. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୨. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୩. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୪. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୫. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୬. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୭. | ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୮. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୯. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୪୦. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୪୧. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୨. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୩. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୪. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୫. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୬. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୭. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୮. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୯. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୫୦. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୧. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୨. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୩. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୪. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୫. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୬. | ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୭. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ | ଅତିରିକ୍ତ ଆୟୁକ୍ତ-୧ |
| ୩. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ନାଥଶର୍ମା | ଯୁଗ୍ମ ଆୟୁକ୍ତ |

| | | |
|---|---|---|
| ୪. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ |
| ୫. | ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ସେଠୀ | ଉପ ଆୟୁକ୍ତ |
| ୬. | ଶ୍ରୀଯୁକ୍ତା ସରିତା ଧନଦ୍ୱାର | ଉପ ଆୟୁକ୍ତ |
| ୭. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୮. | ଶ୍ରୀଯୁକ୍ତ ବିଶ୍ୱନାଥ ଲେଙ୍କା | ପରିସଂଖ୍ୟାନ ଅଧିକାର୍ରୀ |
| ୯. | ଶ୍ରୀମତୀ ନମିତା ବିଶ୍ୱାଳ | ସଚିବ |
| ୧୦. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୧୧. | ଡ଼ଃ ଉମେଶ ପାଣିଗ୍ରାହୀ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୧୨. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ -୧ |
| ୧୩. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ -୨ |
| ୧୪. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୫. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୬. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୭. | ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୮. | ଶ୍ରୀଯୁକ୍ତ ସଞ୍ଜୀବ କୁମାର ପ୍ରଧାନ | ସହକାରୀ ଯନ୍ତ୍ରୀ |
| ୧୯. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୦. | ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୧. | ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର | କନିଷ୍ଠ ଯନ୍ତ୍ରୀ |
| ୨୨. | ଶ୍ରୀଯୁକ୍ତ ବିପିନ୍ ବିହାରୀ ପ୍ରଧାନ | କନିଷ୍ଠ ଯନ୍ତ୍ରୀ |
| ୨୩. | ଶ୍ରୀମତୀ ଗୀତାରାଣୀ ସାହୁ | କନିଷ୍ଠ ଯନ୍ତ୍ରୀ |
| ୨୪. | ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |
| ୨୫. | ଶ୍ରୀଯୁକ୍ତ ପ୍ରତାପ କୁମାର ସାମଲ | କନିଷ୍ଠ ଯନ୍ତ୍ରୀ |
| ୨୬. | ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ | କନିଷ୍ଠ ଯନ୍ତ୍ରୀ |
| ୨୭. | ଶ୍ରୀଯୁକ୍ତ ମନୋଜ କୁମାରା ଦେବତା | କନିଷ୍ଠ ଯନ୍ତ୍ରୀ |
| ୨୮. | ଶ୍ରୀମତୀ ସାଗତିକା ମହାନ୍ତି | କନିଷ୍ଠ ଯନ୍ତ୍ରୀ |
| ୨୯. | ଅନ୍ୟାନ୍ୟ ଅଧିକାରୀ | |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତିଙ୍କ ଅନୁରୋଧ କ୍ରମେ ପ୍ରଥମେ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାର ବାଜପେୟୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ନିଗମରେ ନୂତନ ଭାବେ ଯୋଗଦାନ କରିଥିବା ଆୟୁକ୍ତ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଯୁଗ୍ମ ଆୟୁକ୍ତ ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ନାଥଶର୍ମା ଏବଂ ପରିସଂଖ୍ୟାନ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ଲେଙ୍କାଙ୍କୁ ସ୍ୱାଗତ କରିବା ସହ ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର ତଥା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଆସନ୍ତା ଦଶହରା କୁ କିଭଳି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ ସେ ଦିଗରେ ସମସ୍ତ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀଙ୍କ କର୍ତବ୍ୟ ବୋଲି ଅବିହିତ କରିଥିଲେ । କନିଷ୍ଠ ଯନ୍ତ୍ରୀମାନେ ଆସନ୍ତା କାଲିଠାରୁ ପ୍ରତ୍ୟେକ ୱାର୍ଡ଼ର କର୍ପୋରେଟର ମାନଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକ ଥିବା କାର୍ଯ୍ୟର ଗୁରୁତ୍ୱକୁ ଦୃଷ୍ଟିରେ ରଖାଯାଇ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରି ତଥ୍ୟ ଉପସ୍ଥାପନ କରାଯିବା ପରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ । ଦଶହରା ପୂର୍ବରୁ ବକେୟା ଥିବା ଏଲ୍‌ଇଡ଼ି ଲାଇଟ ଗୁଡ଼ିକ ପ୍ରତ୍ୟେକ ୱାର୍ଡ଼ରେ ଲଗାଯିବା ଏବଂ ପୂର୍ବରୁ ଲଗାଯାଇଥିବା ଏଲ୍‌ଇଡ଼ି ଗୁଡ଼ିକ ଜଳୁନଥିବାରୁ ସେଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ୱାର୍ଡ଼ର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼କୁ ଦୁଇ ଓଳି ସଫେଇ କରାଯିବା

ସହିତ ଅଳିଆ ପଏଣ୍ଟରୁ  ପ୍ରତ୍ୟେକ ଦିନ ୪ ଟ୍ରାକ୍ଟର ଅଳିଆ ପରିବହନ ସହିତ ବ୍ଲିଚିଂ ଛିଂଚନ ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ପୂଜା ମଣ୍ଡପ ଗୁଡ଼ିକୁ ଚୁନ, ବ୍ଲିଚିଂ ଏବଂ ଡ଼ଷ୍ଟବିନ ଯୋଗାଇଦିଆଯିବା ନିମନ୍ତେ ସୂଚନା ଦେଇଥିଲେ । ନିଗମର ପୂଜା କମିଟି , ଶାନ୍ତି କମିଟି ଏବଂ ନିଗମ ତଥା ଜିଲ୍ଲା ପ୍ରଶାସନ ସହିତ ଏକ ମିଳିତ  ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଏବଂ ଜିଲ୍ଲାପାଳଙ୍କ ପତ୍ରାନୁଯାୟୀ ନିଗମର ରାସ୍ତାଘାଟ ମରାମତି ପାଇଁ ଯାହା ପ୍ରସ୍ତାବ ଆସୁଛି ସେଥି ମଧ୍ୟରୁ ନିଗମର ରାସ୍ତାଘାଟ କାର୍ଯ୍ୟ ନିଗମ କରିବା ଏବଂ ଅନ୍ୟ ରାସ୍ତା ଗୁଡ଼ିକ ଯେଉଁ ବିଭାଗ ଅଧିନରେ ଅଛି  ତାହାକୁ ସମ୍ପୃକ୍ତ ବିଭାଗ ଦ୍ୱାରା କରାଯିବ । ବିଶେଷ କରି ଜାଇକା, ଅମୃତ, ଓପିଟିସିଏଲ୍, ଆର୍ ଆଣ୍ଡ ବି, ଜଳସେଚନ ବିଭାଗ ସହିତ ଏକ ମିଳିତ ବୈଠକ କରାଯାଇ ରାସ୍ତାଘାଟ ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେବା ସହ ନିଗମ ଅଂଚଳରେ ସମସ୍ତ ପୂଜା କମିଟି, ଶାନ୍ତି କମିଟି, ମାନ୍ୟବର ସାଂସଦ, ବିଧାୟକ ତଥା କର୍ପୋରେଟର ମାନଙ୍କ ପ୍ରସ୍ତାବୁ ସମ୍ମାନ ଜଣାଇ କାର୍ଯ୍ୟକାରୀ କରାଯିବ ବୋଲି ଆଲୋକପାତ କରିଥିଲେ ।

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକ, ଆଯୁକ୍ତ ପ୍ରଥମଥର ଯୋଗଦାନ କରି ଗୃହରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ସଦସ୍ୟ/ସଦସ୍ୟା ମାନଙ୍କ ସହଯୋଗ କାମନା କରି କହିଥିଲେ କଟକ ସହର ହଜାର ବର୍ଷର ସହର ଉକ୍ତ ସହରରେ ଭାଇଚାରା ରହିଛି । ଏଠାରେ ରାସ୍ତାଘାଟ ଏବଂ ପରିମଳ ସମସ୍ୟା ରହିଛି । ତେଣୁ ଆଇନ କାନୁନ୍ ଅନୁଯାୟୀ ଯଥା ସମ୍ଭବ କାର୍ଯ୍ୟ କରାଯିବ । ଦଶହରା ଉପଲକ୍ଷେ Target Basis ରେ କାର୍ଯ୍ୟ କରାଯିବ । କେତେ ଟଙ୍କାରେ କାର୍ଯ୍ୟ କରାଯିବ  ତାହା ବଡ଼ କଥା ନୁହେଁ କିନ୍ତୁ ଆବଶ୍ୟକତା ଅନୁଯାୟୀ ଆର୍ଥିକ ଅବସ୍ଥାକୁ ଦୃଷ୍ଟି ରଖାଯାଇ କନିଷ୍ଠଯନ୍ତ୍ରୀ ମାନେ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରି ତଥ୍ୟ ଦେବା ପରେ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ ।

ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ସଦସ୍ୟ/ ସଦସ୍ୟା  ମାନେ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ଆଲୋଚନା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୭  :**

ଆଲୋଚନା ପ୍ରାରମ୍ଭରେ ଆଯୁକ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଚଳିତ ପରିଷଦ ସାଢ଼େ ୪ ବର୍ଷ ବିତିଯାଇଥିବାରୁ ଆଉ ଅଳ୍ପଦିନ ହାତରେ ଥିବାରୁ ଉକ୍ତ ଦିନ ମଧ୍ୟରେ ଦଳମତ ନିର୍ବିଶେଷରେ ଆଯୁକ୍ତ କଟକ ସହରର ଅବସ୍ଥାକୁ ଅନୁଧ୍ୟାନ କରି କାର୍ଯ୍ୟ କରିବେ । ଦଶହରାକୁ ଦୃଷ୍ଟିରେ ରଖି ଯାହା ଆବଶ୍ୟକୀୟ କାର୍ଯ୍ୟ କରାଯିବ କିନ୍ତୁ ସେଥି ମଧ୍ୟରୁ ସମସ୍ତ ରାସ୍ତା ନିଗମର ନଥିବାରୁ କେଉଁ କାର୍ଯ୍ୟ କେଉଁ  ବିଭାଗ ଅଧିନରେ କରାଯିବ ତାହାର ସମ୍ପୁର୍ଣ୍ଣ ତଥ୍ୟ ଆଯୁକ୍ତ ଅନୁଧ୍ୟାନ କରି  ୩ଦିନ ମଧ୍ୟରେ ଜାଇକା, ଅମୃତ, ଓପିଟିସିଏଲ୍, ଆର୍ ଆଣ୍ଡ ବି, ଜଳସେଚନ ବିଭାଗ, ଜାତୀୟ ରାଜପଥମାର୍ଗ କର୍ତ୍ତୃପକ୍ଷଙ୍କ ସହିତ ଏକ ମିଳିତ ବୈଠକ କରାଯାଇ ନିର୍ଦ୍ଧିଷ୍ଟ ସମୟ ପୁର୍ବରୁ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ଗୁଡ଼ିକ ଶେଷ କରିବାକୁ ପ୍ରସ୍ତାବ ଦେଇଥିଲେ ।  ଆର୍ ଆଣ୍ଡ ବି ଅଧିନରେ ଥିବା ପ୍ରମିଳା ମଣ୍ଡପ ଠାରୁ କଲ୍ୟାଣୀନଗର ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥା ହୋଇଥିବାରୁ ଉକ୍ତ ରାସ୍ତାରେ ମେଢ଼ ଯିବା ସମ୍ଭବ ହେବ ନାହିଁ ତେଣୁ ଯଥାଶିଘ୍ର ଉକ୍ତ ରାସ୍ତାକୁ  ମରାମତି କରାଯିବା ସହ ସମସ୍ତ ୱାର୍ଡ଼ରୁ ଅଳିଆ ଉଠାଇବା ସମୟରେ କେତେ  ଟ୍ରାକ୍ଟର ଅଳିଆ ଉଠାଉଛନ୍ତି  ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାର ୱାର୍କ ସାର୍ଟିଫିକେଟ ସଂଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪   :**

ନିଗମରେ ନବ ନିଯୁକ୍ତ ଆଯୁକ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ପରେ, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଦଶହରା ଏକ ଗଣପର୍ବ, କଟକ ସହରର ଜନସାଧାରଣ ଆନନ୍ଦ ଉଲ୍ଲାସ ମଧ୍ୟରେ  ପାଳନ କରନ୍ତି । ଜାଇକା, ଅମୃତ, ଓପିଟିସିଏଲ୍ କାର୍ଯ୍ୟ

ଦ୍ୱାରା ସହରର ରାସ୍ତାଘାଟ ଅବସ୍ଥା ଯାହା ହୋଇଛି ତାହା ଚିନ୍ତାର ବିଷୟ । ଏଲ୍ଇଡ଼ି ଲାଗିବା ପରେ ମାସ ମାସ ଧରି ଲାଇଟ ଜଳୁନାହିଁ ଯାହାଫଳରେ ୱାର୍ଡ଼ ଗୁଡ଼ିକ ଅନ୍ଧାରରେ ରହୁଛି । ତେଣୁ ରାସ୍ତାଘାଟ ମରାମତି ସହିତ ଏଲ୍ଇଡ଼ି ମରାମତି ଏବଂ ବକେୟା ଥିବା ସ୍ଥାନ ମାନଙ୍କରେ ଏଲ୍ଇଡ଼ି ଲାଇଟ ଲଗାଯିବା ନିମନ୍ତେ ପ୍ରଦକ୍ଷେପ ଗ୍ରହଣ କରାଯିବାକୁ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡ୍ରେନ ସଫେଇ କରାଯାଉନଥିବାରୁ ଜଳ ନିଷ୍କାସନ ନ ହେବା ଦ୍ୱାରା ଅନେକ ୱାର୍ଡ଼ରେ ପାଣି ଜମି ରହୁଛି । ସେ ସବୁ ରୋଡ଼ରେ ମେଢ କିଭଳି ଯିବ । ସେଥି ପ୍ରତି ଧ୍ୟାନ ଦିଆଯାଉ । ୱାର୍ଡ଼ର ବିନ୍ ପଏଣ୍ଟରେ ଅଳିଆ ଗଦା ହୋଇ ରହୁଥିବାରୁ ଯଥାଶିଘ୍ର ସେଗୁଡ଼ିକୁ ପରିବହନ କରାଯାଇ ବ୍ଲିଚିଂ ସିଂଚନ କରାଯିବାର ବ୍ୟବସ୍ଥା କରାଯାଉ । ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇଦେବା ସହିତ ପୂଜା ମଣ୍ଡପ ଗୁଡ଼ିକୁ ଡ଼ଷ୍ଟବିନ ଯୋଗାଇ ଦିଆଯାଉ । ସିଡ଼ିଏରେ ଆର୍ ଆଣ୍ଡ ବି ରାସ୍ତା ଗୁଡ଼ିଗ ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଯଥାଶିଘ୍ର ଆର୍ ଆଣ୍ଡ ବି, ଜଳସେଚନ ବିଭାଗ ଦ୍ୱାରା ଏକ ବୈଠକର ବ୍ୟବସ୍ଥା କରାଯିବା ସହ ମେଢ ଯିବା ଅଂଚଳରେ ଗଛ ଡ଼ାଳ କଟାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ସୁଶ୍ରୀ ରଂଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜାଇକା, ଅମୃତ, ଓପିଟିସିଏଲ୍ ଦ୍ୱାରା ୱାର୍ଡ଼ରେ ନିଜ ନିଜର କାର୍ଯ୍ୟ ସାରିବା ପରେ ରାସ୍ତାଘାଟ ଅବସ୍ଥା ବିପର୍ଯ୍ୟସ୍ତ କରି ଛାଡ଼ି ଯାଇଛନ୍ତି । ଫଳରେ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ପ୍ରତ୍ୟେକ ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି । ଉକ୍ତ ରାସ୍ତା ଗୁଡ଼ିକ ମରାମତି କରାନଗଲେ ମେଢ ଗୁଡ଼ିକ କିପରି ଯାଇପାରିବ । ଦେଉଳ ସାହି ଠାରୁ ସେଲଟର ଛକ ରାସ୍ତା ଖରାପ ଥିବା ବେଳେ ୱାର୍ଡ଼ର ପାଣି ପାଇପ ଫାଟି ରାସ୍ତାରେ ପାଣି ଜମୁଛି, ଦୀର୍ଘଦିନ ଧରି ମରାମତି କରାଯାଉନାହିଁ । ତେଣୁ ଉକ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ନେଇ ଏକ ସମନ୍ୱୟ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯାଉ । ୱାର୍ଡ଼ରେ ଥିବା ମରାମତି କାର୍ଯ୍ୟ ନିମନ୍ତେ ଅନ୍ୟୁନ ୧୦ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା କରାଯିବାକୁ ଦାବି ଉପସ୍ଥାପନା କରିଥିଲେ । ସେହିପରି ୱାର୍ଡ଼ରେ ବୈଦ୍ୟୁତିକ ମିସ୍ତ୍ରୀ ମୃତ୍ୟୁ ବରଣ କରିବା ପରେ କୌଣସି ବୈଦ୍ୟୁତିକ କାର୍ଯ୍ୟ କରାଯାଉନଥିବାରୁ ଯଥାଶିଘ୍ର ଏ ବାବଦରେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ରେ ଖରାପ ହୋଇଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯିବା ସହିତ ବକେୟା ଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେବା ସହ ଏଲ୍ଇଡ଼ି କାର୍ଯ୍ୟ ନେଇଥିବା ସଂସ୍ଥାକୁ ନେଇ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଫାଇଲେରିଆ କୁଲିମାନେ ୱାର୍ଡ଼କୁ ଆସୁନଥିବାରୁ ସେଥିପ୍ରତି କି'କି' ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ ।

**<u>ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ଦେଇ ବହୁ ମେଢ ଯାଇଥାଏ କିନ୍ତୁ ଜାଇକା ଦ୍ୱାରା ରାସ୍ତା ଖୋଳା ଜାରି ରହିଛି । ବଙ୍ଗାଳୀସାହି ଠାରୁ ତଳ ତେଲେଙ୍ଗା ବଜାର ଦେଇ ଶିଶୁ ଭାରତୀ ସ୍କୁଲ ରୋଡ଼ ପର୍ଯ୍ୟନ୍ତ ଜାଇକା ଖୋଳି ପକାଇଛି । ଉକ୍ତ ରାସ୍ତାଦେଇ ମେଢ କିଭଳି ଯାଇପାରିବ, ତେଣୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :</u>**

ଆଲୋଚନାରେ ଅଂଶ ଗ୍ରହଣ କରି, ନିଗମରେ ନୂତନ ଭାବେ ଯୋଗଦେଇଥିବା ଆୟୁକ୍ତ, ଯୁଗ୍ମ ଆୟୁକ୍ତ ଏବଂ ପରିସଂଖ୍ୟାନ ଅଧିକାରୀଙ୍କୁ ସ୍ୱାଗତ କରିବା ସହିତ କଟକ ସହରର ବିକାଶ

ନିମନ୍ତେ ଆୟୁକ୍ତ ସହଯୋଗ କଲେ ସମସ୍ତ  ସମସ୍ୟାର ସମାଧାନ ହୋଇପାରିବ । ନିଗମ ଅଂଚଳରେ ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ଦୃଷ୍ଟିରୁ, ଦଶହରାର ଯଥେଷ୍ଟ ପୁର୍ବରୁ ଉକ୍ତ କାର୍ଯ୍ୟ କରାଗଲେ ଦଶହରା ସମୟରେ କୌଣସି ସମସ୍ୟା ରହିବ ନାହିଁ । ରାଜ୍ୟ ସରକାର ଆସନ୍ତା ଆକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ନିଗମ ଅଂଚଳରେ ପ୍ଲାଷ୍ଟିକ ନିଷିଦ୍ଧ କରାଯିବା ନିମନ୍ତେ ପତ୍ରାଳାପ କରିଥିବାରୁ ନିଗମ ପକ୍ଷରୁ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହାକୁ ଗୃହରେ ଅବଗତ କରାଯିବା ସହ ପ୍ଲାଷ୍ଟିକର ବିକଳ୍ପ ବ୍ୟବସ୍ଥା କ'ଣ କରାଯିବ ସେ ବିଷୟରେ ଗୃହରେ ଅବଗତ କରାଯାଉ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମସ୍ତ ପୂଜା କମିଟି ଓ ସାହି କମିଟିକୁ ପତ୍ରାଳାପ କରାଯାଇ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେହିପରି ସହରରେ ଏଲ୍ଇଡ଼ି ସମସ୍ୟା ଯାହା ଯାହା ଅଛି ତାହାକୁ ତୁରନ୍ତ ଦଶହରା ପୁର୍ବରୁ ସମାଧାନ କରାଯାଉ । ଜିଲ୍ଲାପାଳଙ୍କ ବୈଠକରେ ଆଲୋଚନା କରାଯାଇ ରାସ୍ତାଘାଟ ମରାମତି ନିମନ୍ତେ ଯେଉଁ ତାଲିକା ପ୍ରଦାନ କରାଯାଇଛି । ଉକ୍ତ ତାଲିକା ଅନୁଯାୟୀ ୪୯ ଗୋଟି ରୋଡ଼ ନିଗମର ନଥିବାରୁ ବିଭିନ୍ନ ବିଭାଗ ସହ ଏକ ମିଳିତ ବୈଠକ କରାଯାଇ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼ରୁ ଅଳିଆ ହଟାଇବା ନିମନ୍ତେ ସ୍ପେସାଲ ଡ୍ରାଇଭ କରାଯାଇ ଅଳିଆ ସଫା କରାଯିବା ନିମନ୍ତେ ଅଧିକାରୀସ୍ତରରେ ତତ୍ପର ପ୍ରକାଶ ପାଇବା ଆବଶ୍ୟକ ଏବଂ ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ଡ଼ଷ୍ଟବିନ୍, ଚୁନ ଏବଂ ବ୍ଲିଚିଂ ଯୋଗାଇଦେବାକୁ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିରେ ପ୍ରସ୍ତାବ ଆଗତ ହୋଇଥିବାରୁ ଯଥାଶିଘ୍ର ଏହାକୁ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ  ଷ୍ଟାଣ୍ଡିଙ୍ଗ କମିଟି :**

ଆଲୋଚନାରେ ଅଂଶ ଗ୍ରହଣ କରି, ନିଗମରେ ନୂତନ ଭାବେ ଯୋଗଦେଇଥିବା ଆୟୁକ୍ତ, ଯୁଗ୍ମ ଆୟୁକ୍ତ ଏବଂ ପରିସଂଖ୍ୟାନ ଅଧିକାରୀଙ୍କୁ ସ୍ୱାଗତ ଜଣାଇବା ସହିତ ଆସନ୍ତା ଦୂର୍ଗାପୂଜା ପାଇଁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ସ୍ୱତନ୍ତ୍ର ଅଧିବେଶନ ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ଡ଼କାଯାଇ ଆଲୋଚନା କରାଯିବା ନିମନ୍ତେ ପୁର୍ବରୁ ପ୍ରସ୍ତାବ ଦେଇଥିଲି କିନ୍ତୁ ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ଏହି  ବୈଠକକୁ ଡ଼କାଯାଇନଥିବାରୁ ପୁର୍ନବାର ଏକ ସ୍ୱତନ୍ତ୍ର ବୈଠକ କରାଯାଇ ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ଡ଼କାଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ କାର୍ଯ୍ୟକାରୀ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ଥିବା ସମସ୍ତ ହାଇମାଷ୍ଟ ଲାଇଟ ଗୁଡ଼ିକୁ ଏଲଇଡ଼ିରେ ପରିବର୍ତନ କରାଯିବା ଏବଂ ଖରାପ ହୋଇଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ପ୍ରତ୍ୟେକ ୱାର୍ଡ଼ରେ ଜମା ହୋଇରହିଥିବା ଅଳିଆ ଆବର୍ଜନାକୁ ପ୍ରତ୍ୟେଦ ଦିନ ୪ ଟ୍ରାକ୍ଟର ଲେଖାଏଁ ପରିବହନ କରାଯିବାକୁ ଦାବି କରିଥିଲେ । ଏଥିସହ ପ୍ରତ୍ୟେକ ଦିନ ଦୁଇ ଓଳି ସଫେଇ, ବବ୍ କ୍ୟାଟ, ଗାଡ଼ି ଚୁନ ଓ ବ୍ଲିଚିଂ ଯୋଗାଇଦେବା ସହ ମହରମରେ ମଧ୍ୟ ରାସ୍ତାଘଟ ସଫେଇ ସହିତ ଆଲୋକ ଏବଂ ପାଣିର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଶ୍ରୀ ବିହାର କଲୋନୀ ଠାରେ ଜାଇକା ଦ୍ୱାରା  ମାଇକ୍ରୋ ଟର୍ଣ୍ଣେଲ କାର୍ଯ୍ୟ ଦ୍ୱାରା ବିଜୁ ପଟ୍ଟନାୟକ ଛକ ଠାରୁ ହିନ୍ଦୋଳ କୋଠି ଛକ ଏବଂ ଟିଭି ରୋଡ଼ର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ, ଏ ବାବଦରେ  ଜାଇକା କର୍ତୃପକ୍ଷଙ୍କୁ ବ୍ୟକ୍ତିଗତ ଭାବେ ପତ୍ରାଳାପ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାକାରୀ ହୋଇନାହିଁ । ଉକ୍ତ ରାସ୍ତା ଦେଇ ଦଶହରାର ମେଢ ଯିବାକୁ ଥିବାରୁ ଯୁଦ୍ଧକାଳୀନ ଭିତିରେ  ତାହାର ମରାମତି କରାଯାଉ । ନିଗମର ଅନେକ ସ୍ଥାନରେ ବର୍ଷାପାଣି ଜମିରହୁଛି । ସେଥିମଧ୍ୟରୁ ବାଲୁ ବଜାର, ବୁଢ଼ୀ ଠାକୁରାଣୀ, ମହିଦାସ ବଜାର, କାଜିବଜାର, ଦେଇ ପ୍ରଜାତନ୍ତ୍ର ଅଫିସ ପର୍ଯ୍ୟନ୍ତ ପାଣି ଜମିରହୁଥିବାରୁ, ସ୍ୱତନ୍ତ୍ର ଭାବେ ପରିଦର୍ଶନରେ ଯାଇ ଏହାର ସମାଧାନ କରାଯାଉ । ନିଗମ ଅଂଚଳରେ ରାସ୍ତାଘାଟ ମରାମତି କାର୍ଯ୍ୟ ନିମନ୍ତେ ଅନ୍ୟୁନ ୧୦ ଲକ୍ଷ ଟଙ୍କାର

ପ୍ୟାକେଜ ଘୋଷଣା କରାଯିବାକୁ ଦାବି ଉପସ୍ଥାପନା କରିବା ସହ ଉନ୍ନତି ଯୋଜନାରେ ବିଭିନ୍ନ କାର୍ଯ୍ୟ ବିଡ଼ିଓଙ୍କ ତତ୍ୱାବଧାନରେ କରାଯାଉଥିବାରୁ ତୁରନ୍ତ ପ୍ରତ୍ରାଳାପ କରାଯାଇ ଜାଇକା, ଓପିଟିସିଏଲ୍, ଅମୃତ, ସେସୁ, ଜନସ୍ୱାସ୍ଥ୍ୟ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଡ଼କାଯାଇ ବୈଠକ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜିଲ୍ଲାପାଳଙ୍କ ନିକଟରୁ ରାସ୍ତାଘାଟ ମରାମତି ନିମନ୍ତେ ଯେଉଁ ତାଲିକା ପ୍ରଦାନ କରାଯାଇଛି । ଉକ୍ତ ତାଲିକା ଅନୁଯାୟୀ ୪୯ ଗୋଟି ରୋଡ଼ ନିଗମର ନଥିବାରୁ ବିଭିନ୍ନ ବିଭାଗ ସହ ଏକ ମିଳିତ ବୈଠକ କରାଯାଇ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼ରୁ ଅଳିଆ ହଟାଇବା ନିମନ୍ତେ ସ୍ପେସାଲ ଡ୍ରାଇଭ କରାଯାଇ ଅଳିଆ ସଫା କରାଯିବା ସହ ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ଡ଼ଷ୍ଟବିନ୍, ଚୁନ ଏବଂ ବ୍ଲିଚିଂ ଯୋଗାଇଦିଆଯାଉ । ନିଗମ ଅଂଚଳରେ ଖରାପ ହୋଇଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ଼ ନଂ-୧୪ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ ୱାରୀ ୧୦ ଲକ୍ଷ ଟଙ୍କା କାର୍ଯ୍ୟର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇ କର୍ପୋରେଟର ମାନଙ୍କୁ ଯୋଗାଇଦେବା ନିମନ୍ତେ ଗୁରୁତ୍ୱାରୋପ କରିବା ସହିତ ୱାର୍ଡ଼ରୁ ୬ ଜଣ କୁଲି ଅବସରଗ୍ରହଣ କରିଥିବାରୁ ଯଥାଶିଘ୍ର ୱାର୍ଡ଼କୁ ଅତିରିକ୍ତ ୪ଜଣ କୁଲି ଯୋଗାଇଦେବା ସହ ଆବଶ୍ୟକୀୟ ଟ୍ରଲି, ବ୍ରସ କଟର ଆଦି ଯେଗାଇ ଦେବା ନିମନ୍ତେ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ଶ୍ରୀଯୁକ୍ତା ନମିତା ମଞ୍ଜୁରୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଦଶହରାରେ ମଙ୍ଗଳାବାଗ ମୁଖ୍ୟ ରାସ୍ତା ଦେଇ ପାଖାପାଖି ୫୦ରୁ ଉର୍ଦ୍ଧ ମେଢ ଯାଇଥାଏ । ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ଜାଇକା ଏବଂ ଅମୃତ ଦ୍ୱାରା କରାଯାଉଥିବା ମରାମତି କାର୍ଯ୍ୟ ଦୁଇ ଦିନଯାଉନାହିଁ । ସଠିକ ଭାବେ ରାସ୍ତା ନିର୍ମାଣ କରାଯାଉନାହିଁ । ଏଭଳି ଖାଲଖମାରେ କିଭଳି ମେଢ ଯିବ । ୱାର୍ଡ଼କୁ ସୁଇପର ଆସୁନାହାନ୍ତି କିଭଳି ଭାବେ ସଫେଇ ହେବ । ୱାର୍ଡ଼ରୁ ଦୈନିକ ୪ ଟ୍ରାକ୍ଟର ଅଳିଆ ବାହାରୁଥିବା ବେଳେ ଏକ ଟ୍ରାକ୍ଟର ପରିବହନ କରାଯାଉଛି । ଅବଶିଷ୍ଟ ଅଳିଆ ପରିବହନର ବ୍ୟବସ୍ଥା କରାଯାଉ । ଗଳି କନ୍ଦିରୁ ଅଳିଆ ଉଠାଯିବା ନିମନ୍ତେ ଟ୍ରଲି ଯୋଗାଇ ଦିଆଯାଉ । ସଫେଇ କାର୍ଯ୍ୟ ନିମନ୍ତେ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ୱାର୍ଡ଼କୁ ଅତିରିକ୍ତ ୪ ଜଣ କୁଲି ଯୋଗାଇଦିଆଯାଉ । କଟକ ସହର ରୌପ୍ୟ ନଗରୀ ମାନ୍ୟତା ପ୍ରାପ୍ତ ହୋଇଥିବାରୁ ଏହାର ଐତିହ୍ୟ, ସଂସ୍କୃତି ଓ ଗୌରବ ନିମନ୍ତେ ସହରର ମୁଖ୍ୟ ପ୍ରବେଶ ପଥ ମାନଙ୍କରେ ସ୍ୱାଗତ ତୋରଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ସୁଶ୍ରୀ ପଦ୍ମା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୧୩ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ମାନ୍ୟବର ମେୟର ଏବଂ ଆୟୁକ୍ତ ମହୋଦୟ ମୋ ୱାର୍ଡ଼କୁ ଆସି ଥରେ ପରିଦର୍ଶନ କରନ୍ତୁ । ୱାର୍ଡ଼ର ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ସଦା ସର୍ବଦା ନର୍ଦ୍ଦମା ପାଣି ରାସ୍ତାରେ ଜମିରହୁଛି । ଜଣେ ଲୋକ ପ୍ରତିନିଧି ହିସାବରେ ଜନସାଧାରଣ ମୋତେ ପ୍ରଶ୍ନ କରୁଛନ୍ତି । ଉକ୍ତ ରାସ୍ତା ଦେଇ କିଭଳି ମେଢ ଯିବ ଯଥାଶିଘ୍ର ତାହାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :</u>**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଗତ ବର୍ଷାରେ ୪ଦି ଧରି ବିଭିନ୍ନ ଓ୍ୱାର୍ଡ଼ରେ ପାଣି ଜମିରହିବା ଫଳରେ ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଇଛି । ଏ ଦିଗରେ କମିଶନର ଉକ୍ତ ସ୍ଥାନ ପରିଦର୍ଶନ କରନ୍ତୁ । ଗଙ୍ଗା ମନ୍ଦିର ଛକରୁ ଗୌରୀ ଶଙ୍କର ପାର୍କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସହରରେ ମେଢ ଯିବା ସମୟରେ ଭିଡ଼ ପରିଲକ୍ଷିତ ହେଲେ ବାଇ-ଲେନରେ ମେଢ ଯାଇଥାଏ କିନ୍ତୁ ଏଥିପାଇଁ ସ୍ୱତନ୍ତ୍ର ୧୦ ଲକ୍ଷ ଟଙ୍କାରେ କିଭଳି କାର୍ଯ୍ୟ କରାଯାଇପାରିବ, ୨୪ ଘଣ୍ଟିଆ ପାଣି, ଆଲୋକୀକରଣ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ । ଗତ ପରିଷଦ ବୈଠକରେ ସୁଇପର ଏବଂ କୁଲି ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟ ଅଧିକାରୀ ପ୍ରତିଶୃତି ଦେଇଥିଲେ କିନ୍ତୁ ଦୁଇମାସ ବିତିଯାଇଥିଲେ ସୁଦ୍ଧା କୁଲି ଯୋଗାଇଦିଆଗଲା ନାହିଁ । ଓ୍ୱାର୍ଡ଼ରେ ୩୬ ଜଣ ସୁଇପରଙ୍କ ମଧ୍ୟରୁ ମାତ୍ର ୨୨ ଜଣ କାର୍ଯ୍ୟକରୁଥିବାରୁ ଓ୍ୱାର୍ଡ଼ର ସଫେଇ କାର୍ଯ୍ୟ କିଭଳି ହେବ ବୋଲି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଓ୍ୱାର୍ଡ଼ରେ ଖରାପ ହୋଇଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯିବା ସହିତ ବକେୟା ଥିବା ଏଲଇଡ଼ି ଲାଇଟ ଗୁଡ଼ିକ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିଜୟ ଦଳେଇ, କର୍ପୋରେଟର, ଓ୍ୱାର୍ଡ଼ ନଂ-୧୧ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକଜେ ଘୋଷଣା କରାଯାଇ ୨୦୧୭ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ସୁଦ୍ଧା ୨୦୧୮ ମସିହାଶେଷ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ । ଏ ବାବଦରେ ଲିଖିତ ଆକାରରେ ଦେଲେ ମଧ୍ୟ କୌଣସି ସୁଫଳ ମୁଳିନାହିଁ । ଓ୍ୱାର୍ଡ଼କୁ ସୁଇପର ଯୋଗାଇଦେବା ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନ କଲେ ମଧ୍ୟ ଏଯାବତ୍ ସୁଇପର ଯୋଗାଇ ଦିଆଯାଉନାହିଁ କି ଜମାଦାର ମାନେ ଓ୍ୱାର୍ଡ଼ର କାର୍ଯ୍ୟ ପରିଦର୍ଶନରେ ଯାଉନାହାଁନ୍ତି । ଏ ବାବଦରେ ପରିଷଦ ବୈଠକରେ ଉତ୍ଥାପନ କରିଥିଲେ ସୁଦ୍ଧା ଓ୍ୱାର୍ଡ଼ରୁ ଉକ୍ତ ଜମାଦାରଙ୍କୁ ବଦଳୀ କରାଯାଇନାହିଁ । ଜାଇକା କାର୍ଯ୍ୟ ଦ୍ୱାରା ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ଭସାଣୀରେ କିଭଳି ଭାବେ ମେଢ ଯିବ । ଚାନ୍ଦିନୀଚୌକ ମେଲଣ ପଡ଼ିଆ କାର୍ଯ୍ୟ କରାଯିବାକୁ ଦାବି ଉପସ୍ଥାପନା କରିଥିଲେ ।

**ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, କର୍ପୋରେଟର, ଓ୍ୱାର୍ଡ଼ ନଂ-୫୭:**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଟକ ସହର ମଧ୍ୟରେ ମେଢ ବିଷର୍ଜନ ନିମନ୍ତେ ଅସ୍ଥାୟୀ ପୋଖରୀ ଖନନ କରାଯାଇ ମୂର୍ତ୍ତି ଗୁଡ଼ିକୁ ବିଷର୍ଜନ କରାଯିବା ନିମନ୍ତେ ପୋଖରୀ ଚର୍ତୁପାଶ୍ୱରେ ଆଲୋକ ବ୍ୟବସ୍ଥା କରାଯାଉଥିବା ବେଳେ ଓ୍ୱାର୍ଡ଼ ନଂ-୫୬, ୫୭, ୫୮, ୫୯ ଓ୍ୱାର୍ଡ଼ ଗୁଡ଼ିକର ମେଢ ବିଷର୍ଜନ ପାଇଁ ଆଲୋକର ବ୍ୟବସ୍ଥା କରାଯାଇନଥିଲା । ତେଣୁ ଚଳିତ ବର୍ଷ ଅସ୍ଥାୟୀ ପୋଖରୀ ସହ ଆଲୋକର ବ୍ୟବସ୍ଥା କରାଯିବା ସହିତ ସଦର ଅଂଚଳରେ ଥିବା ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ଚୁନ, ବ୍ଲିଚିଂ ଏବଂ ଡ଼ଷ୍ଟବିନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ଓ୍ୱାର୍ଡ଼ ନଂ-୪୦ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଗମ ଅଂଚଳରେ ପ୍ଲାଷ୍ଟିକ ବର୍ଜନ ସମ୍ବନ୍ଧରେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଉଅଛି ତାହାର ତଥ୍ୟ ଗୃହରେ ଉପସ୍ଥାପନ କରାଯାଉ ଏବଂ ଏହାର ବିକଳ୍ପ ବ୍ୟବସ୍ଥା ନିମନ୍ତେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜାଣିବାକୁ ଚାହିଁଥିଲେ । ଓ୍ୱାର୍ଡ଼ରେ ସଫେଇ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଥିବା ବେଳେ ଓ୍ୱାର୍ଡ଼କୁ କୁଲି କିମ୍ବା ମେଲେରିଆ ଓ ଫାଇଲେରିଆ କୁଲି ଆସୁନାହାଁନ୍ତି କିମ୍ବା ଟ୍ରାକ୍ଟର, ଟ୍ରଲି, ବ୍ରସ କଟର ଯୋଗାଇ ଦିଆଯାଉନାହିଁ । ତେଣୁ ଦଶହରାକୁ ଦୃଷ୍ଟିରେ ରଖାଯାଇ ସଫେଇ ନିମନ୍ତେ ଆବଶ୍ୟକ ଉପକରଣ ସହ କୁଲିର ବ୍ୟବସ୍ଥା କରାଯିବାକୁ

ପ୍ରସ୍ତାବ ଦେଇଥିଲେ । ଗତ ଦୁଇବର୍ଷ ହେବ ୩ ଗୋଟି ଶ୍ମଶାନ ପାଇଁ ଗ୍ୟାସ ଚୁଲା ଅବସ୍ଥାପିତ କରାଯିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ କେବଳ ଖାନ୍ନଗର ଶ୍ମଶାନରେ ଗ୍ୟାସ ଚୁଲା କରାଯାଇଥିବା ବେଳେ ସତୀଚୌରା ଏବଂ କାଳିଆବୋଦା ଶ୍ମଶାନରେ ଏଯାବତ୍ ଉକ୍ତ ବ୍ୟବସ୍ଥା କରାଯାଇପାରିଲାନାହିଁ । କେଉଁ କାରଣରୁ ଉକ୍ତ କାର୍ଯ୍ୟ କରାଯାଇନାହିଁ ସେ ସମ୍ପର୍କରେ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ସେହିପରି ବୈଦ୍ୟୁତିକ ବିଭାଗ ନିମନ୍ତେ ବାଉଁଶ ସିଡ଼ି ବଦଳରେ ମେକାନିକାଲ ସିଡ଼ି କ୍ରୟ କରାଯିବା ନିମନ୍ତେ ପୂର୍ବ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲେ ସୁଦ୍ଧା ତାହା ବର୍ତମାନ ସୁଦ୍ଧା ଯୋଗାଇ ଦିଆଯାଇପାରିଲା ନାହିଁ ଏବଂ କାର୍ଯ୍ୟରତ ଅବସ୍ଥାରେ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିବା ଦୁଇ ଜଣ କର୍ମଚାରୀଙ୍କୁ କ୍ଷତି ପୁରଣ ବାବଦରେ କେତେ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ନିମନ୍ତେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜାଣିବାକୁ ଚାହିଁଥିଲେ । ସେହିପରି ସହରରେ ଏଲ୍ଇଡ଼ି ସମସ୍ୟା ଯାହା ଯାହା ଅଛି ତାହାକୁ ତୁରନ୍ତ ଦଶହରା ପୁର୍ବରୁ ସମାଧାନ କରାଯାଉ । ଜଣେ ଲୋକ ପ୍ରତିନିଧି ଭାବେ ୱାର୍ଡ଼ର କାର୍ଯ୍ୟଧାରାକୁ ନେଇ ଜଣେ ଜମାଦାରଙ୍କୁ ତାଗିଦ କରିବାରୁ ଜୈନିକ ଜମାଦାର ଜଣଙ୍କ କର୍ପୋରେଟରଙ୍କୁ ଖରାପ ବ୍ୟବହାର ଦେଖାଇବା ଏବଂ କର୍ପୋରେଟରଙ୍କ ପ୍ରସ୍ତାବ୍ଦୁ ପ୍ରତ୍ୟାଖାନ କରିବା କେତେଦୁର ଯଥାର୍ଥ । ସେଥିପାଇଁ ଗତ ବୈଠକରେ ସମ୍ପୃକ୍ତ କର୍ପୋରେଟର କ୍ଷୋଭ ପ୍ରକାଶ କରିଥିଲେ ସେଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ ।

**ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ସଦରରେ ଥିବା ୪ ଗୋଟି ୱାର୍ଡ଼କୁ ଆୟୁକ୍ତ ପରିଦର୍ଶନ କରନ୍ତୁ ଏବଂ ରାସ୍ତାର ଅବସ୍ଥା କିଭଳି ଅଛି, ଅନୁଧାନ କରିବା ପରେ ଜାଣିପାରିବେ ଏବଂ ଦଶହରା ମେଢ ଗୁଡ଼ିକ କିପରି ଯିବ । ତେଣୁ ଶୋଚନୀୟ ଭାବେ ଥିବା ରାସ୍ତା ଗୁଡ଼ିକ ଦଶହରା ପୂର୍ବରୁ ମରାମତି କରାଯାଉ । ୱାର୍ଡ଼ ନଂ-୫୬, ୫୭, ୫୮, ୫୯ ୱାର୍ଡ଼ ଗୁଡ଼ିକର ମେଢ ବିଷର୍ଜନ ପାଇଁ କାଠଯୋଡ଼ିରେ ଅସ୍ଥାୟୀ ପୋଖରୀ ସହ ଆଲୋକର ବ୍ୟବସ୍ଥା କରାଯିବା ଏବଂ ସଦର ଅଂଚଳରେ ଥିବା ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ଚୁନ, ବ୍ଲିଚିଂ ଏବଂ ଡ଼ଷ୍ଟବିନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, ଅଧ୍ୟକ୍ଷ, ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ୭ଜଣ ସୁଇପର ସ୍ଥାନରେ ମାତ୍ର ୩ ଜଣ ସୁଇପର ଏବଂ ଜଣେ କୁଲି କାର୍ଯ୍ୟ କରୁଛନ୍ତି । ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ଅତିରିକ୍ତ ୪ ଜଣ ସୁଇପର, କୁଲି, ବ୍ରୁସ୍ କଟର, ବ୍ଲିଚିଂ, ଚୁନ ଯୋଗାଇ ଦେବା ସହିତ ୱାର୍ଡ଼ ସଫେଇ କାର୍ଯ୍ୟ ଅଧିକାରୀ ସ୍ତରରେ ଅନୁଧାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼ ନଂ-୧୭ :**

ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଦଶହରା ପାଳନ ନିମନ୍ତେ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକରେ ପୁଜା କମିଟି, ମାନ୍ୟବର ବିଧାୟକ, ମାନ୍ୟବର ସାଂସଦ, ନିଗମ ତଥା ଅନ୍ୟ ବିଭାଗର ଅଧିକାରୀଙ୍କ ସହିତ ମିଳିତ ବୈଠକରେ କଣ ନିଷ୍ପତି ଗ୍ରହଣ କରାଗଲା ସେ ସମ୍ବନ୍ଧରେ ଗୃହକୁ ଅବଗତ କରାଯାଉ । କେଉଁ ରାସ୍ତା କେଉଁ ବିଭାଗ କରିବ ଏବଂ ନିଗମ କେଉଁ ରାସ୍ତା କରିବ ସବିଶେଷ ତଥ୍ୟ ପ୍ରଦାନ କରାଯାଉ । ଆସନ୍ତା ଦଶହରା ନିମନ୍ତେ ଅତିରିକ୍ତ ସୁଇପର, କୁଲି, ବ୍ରୁସ୍ କଟର, ବ୍ଲିଚିଂ, ଚୁନ ଯୋଗାଇ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନିଗମର ପ୍ରତ୍ୟେକ ୱାର୍ଡ଼ରେ ଜମା ହୋଇରହିଥିବା ଅଳିଆ ଆବର୍ଜନାକୁ ପ୍ରତ୍ୟେଦ ଦିନ ୪ ଟ୍ରାକ୍ଟର ଲେଖାଏଁ ପରିବହନ କରାଯିବାକୁ ଦାବି କରିଥିଲେ । ସେହିପରି ଦଶହରା ନିମନ୍ତେ ପ୍ରତ୍ୟେକ

ୱାର୍ଡ଼ର ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟିରେ ପ୍ରସ୍ତାବ ଆଗତ ହୋଇଥିବା ଦୃଷ୍ଟିରୁ, ଗଣ ମାଧ୍ୟମରେ କିଭଳି ଭାବେ ସମସ୍ତ କର୍ପୋରେଟରମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ବୋଲି ସମ୍ବାଦ ପ୍ରକାଶ ପାଇଲା । କିଏ ଏଭଳି ଖବର ସମ୍ବାଦପତ୍ରକୁ ଦେଇଛି । ନିଗମର ଅଧିକାରୀମାନେ ଗଣମାଧ୍ୟମ ଦାୟୀତ୍ୱରେ ଥିବାରୁ ଏଭଳି ଭୁଲ ତଥ୍ୟ ପୁର୍ନବାର ପ୍ରକାଶ ନକରିବା ନିମନ୍ତେ ମତବ୍ୟକ୍ତ କରିଥିଲେ ।

ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ସମସ୍ତ କର୍ପୋରେଟର ମାନଙ୍କ ପ୍ରଶ୍ନର ଉତରରେ କହିଥିଲେ ନିଗମ ଅଂଚଳରେ ମୋଟ ୩୦ ହଜାର ଏଲଇଡ଼ି ଲଗାଯିବା ନିମନ୍ତେ ଆକଳନ କରାଯାଇଥିବା ବେଳେ ଏବେ ସୁଦ୍ଧା ୨୭ ହଜାର ଲାଇଟ ଲଗାଯାଇଥିବା ବେଳେ ଅବଶିଷ୍ଟ ଲାଇଟ ଦଶହରା ପୂର୍ବରୁ ଲଗାଯିବ ଏବଂ ଏହାର ରକ୍ଷଣା ବେକ୍ଷଣ ନିମନ୍ତେ ୫ ଗୋଟି ଟିମ ଆସିବେ ବୋଲି ନିଭ ଏନର୍ଜି ସୂଚନା ପ୍ରଦାନ କରିଅଛି । ଯଥାଶିଘ୍ର ଉକ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ ।

ଶ୍ରୀମତୀ ସରିତା ଧନଦ୍ୱାର, ଉପ ଆୟୁକ୍ତ, ପ୍ଲାଷ୍ଟିକ ସମ୍ବନ୍ଧରେ କହିଥିଲେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ "ଆମ କଥା କାର୍ଯ୍ୟକ୍ରମ"ରେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ରାଜ୍ୟକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ କଟକ ସହରକୁ ପ୍ଲାଷ୍ଟିକ ମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ଡ଼ାକ ବାଜି ଯନ୍ତ୍ର ସାହାର୍ଯ୍ୟରେ ମଧ୍ୟ ଲୋକମାନଙ୍କୁ ଅବଗତ କରାଯିବ । ଏଥିପାଇଁ କେତେକ ବଡ଼ ବଡ଼ ବ୍ୟବସାୟୀମାନେ ପଲିଥିନ ପରିବର୍ତେ କ୍ୟାରି ବ୍ୟାଗ ବ୍ୟବହାର କରିବା ଆରମ୍ଭ କରି ଦେଇଛନ୍ତି । ଏ ସମ୍ବନ୍ଧରେ ସମସ୍ତ କର୍ପୋରେଟରମାନଙ୍କୁ ଅନୁରୋଧ କରାଯାଉଛି କି ପ୍ରତ୍ୟେକ ୱାର୍ଡ଼ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ପ୍ଲାଷ୍ଟିକ ନିଷିଦ୍ଧ ବିଷୟରେ ଲୋକମାନଙ୍କୁ ସଚେତନ କରାଗଲେ ଲୋକମାନେ ସଚେତନ ହେବା ସଙ୍ଗେ ସଙ୍ଗେ ବଜାରକୁ କିଛି କ୍ରୟ କରିବାକୁ ଗଲେ ନିଜ ସାଙ୍ଗରେ ଏକ ବ୍ୟାଗ ନେଇ ଯାଆନ୍ତୁ ବୋଲି ସଚେତନ କରାଇବେ । ଏତଦ୍‌ବ୍ୟତୀୟ ଦୋକାନୀମାନଙ୍କୁ ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ଯଥା ପଲିଥିନ ବ୍ୟାଗ, ପ୍ଲାଷ୍ଟିକ କପ, ଗ୍ଲାସ, ୫୦୦ ମିଲିଲିଟରରୁ କମ୍ ପ୍ଲାଷ୍ଟିକ ପାଣି ବୋତଲ, ଥର୍ମୋକୁଲରେ ତିଆରି ସାଜସଜ୍ଜା, ଭୋଜିରେ ବ୍ୟବହୃତ ପ୍ଲେଟ, ଚାମଚ, କପ୍, ଗ୍ଲାସ, ଷ୍ଟ୍ର, ପାଣିପାଉଚ, ଗିନା ଓ ପଲିଥିନ ନିର୍ମିତ ଦ୍ରବ୍ୟ ପାଖରେ ଗଛିତ ନରଖିବା ପାଇଁ ଟ୍ରେଡ଼ ଲାଇସେନ୍ସ ନେବା ସମୟରେ ଶପଥପାଠ ଗ୍ରହଣ କରାଯାଉଛି । ପ୍ଲାଷ୍ଟିକ ନିଷିଦ୍ଧର ସମ୍ପୂର୍ଣ୍ଣ ତଥ୍ୟ ନିଗମର ୱେବ ସାଇଟରେ ଉପଲବ୍ଧ କରାଯାଇଛି ଏବଂ ସମସ୍ତ କର୍ପୋରେଟମାନଙ୍କ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ପ୍ଲାଷ୍ଟିକ ବ୍ୟାନ ବାବଦରେ ଏକ ସ୍କ୍ୱାର୍ଡ଼ ଗଠନ କରାଯାଇଛି । ଯଦି କୌଣସି ବ୍ୟବସାୟୀ ଚୋରାରେ ପ୍ଲାଷ୍ଟିକ ବ୍ୟବସାୟ କରୁଥିବେ ସ୍କ୍ୱାର୍ଡ଼ ହାତରେ ଯଦି ଧରାପଡ଼ନ୍ତି ସେମାନଙ୍କ ଠାରୁ କେତେ ଟଙ୍କା ଜୋରିମାନା ଆଦାୟ କରାଯିବ ତାହାକୁ ନିଷ୍ପତି ଗ୍ରହଣ କରାଯାଇନାହିଁ । ପରବର୍ତି ବୈଠକରେ ଅର୍ଥ ଦଣ୍ଡ ସମ୍ବନ୍ଧରେ ନିଷ୍ପତି ଗ୍ରହଣ କରାଯିବାକୁ ଗୃହରେ ସୂଚନା ଦେଇଥିଲେ ।

**ଏହା ପରେ ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. ସମୟର ସ୍ୱଳ୍ପତା ଦୃଷ୍ଟିରୁ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆସନ୍ତା ଦଶହରା ନିମନ୍ତେ ୱାର୍ଡ଼ ୱାରୀ ୧୦ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ସମସ୍ତ ୱାର୍ଡ଼ର ରାସ୍ତା ଓ ନାଳ ମରାମତି, ସ୍ଲାବ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଜରୁରୀକାଳୀନ ଭିତିରେ ଓଡ଼ିଶା ମହାନଗର ନିଗମ ରୁଲ-୩୬ ଅନୁଯାୟୀ Departmentally କରାଯିବା ନିମନ୍ତେ ସର୍ବ

ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ଏବଂ ସମସ୍ତ କାର୍ଯ୍ୟକୁ ଅକ୍ଟୋବର ମାସ ୧୦ ତାରିଖି ସୁଦ୍ଧା ଶେଷ କରାଯିବାକୁ ସ୍ଥିର କରାଗଲା ।

୨. ପ୍ରତ୍ୟେକ ୱାର୍ଡ଼କୁ ୩ ଜଣ ଲେଖାଏଁ ଅତିରିକ୍ତ କୁଲି ଏବଂ ଦୁଇ ଜଣ ଲେଖାଏଁ ସୁଇପର ଏକ ମାସ ପାଇଁ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ଯୋଗାଇଦେବା ନିମନ୍ତେ ସ୍ଥିର କରାଗଲା ।

୩. ଆସନ୍ତା ଦଶହରା ନିମନ୍ତେ ନିଗମର ସମସ୍ତ ୱାର୍ଡ଼ ଗୁଡ଼ିକରେ ଦୁଇ ଓଳି ସଫେଇ କରଣ କରାଯିବାକୁ ସ୍ଥିର କରାଗଲା ଏବଂ ପ୍ରତ୍ୟେକ ୱାର୍ଡ଼ରେ ଦୈନିକ ୪ ଟ୍ରିପ ଅଳିଆ ଆବର୍ଜନା ପରିବହନ କରାଯିବା ନିମନ୍ତେ ଟ୍ରାକ୍ଟର ଯୋଗାଇଦେବାକୁ ସ୍ଥିର କରାଗଲା ।

୪. ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ପ୍ରତ୍ୟେକ ୱାର୍ଡ଼ରେ ଗଛ କଟାଯିବା ନିମନ୍ତେ ବ୍ରଶ କଟର ଯୋଗାଇଦେବାକୁ ସ୍ଥିର କରାଗଲା ।

୫. ଆସନ୍ତା ଦୂର୍ଗାପୂଜା ଉପଲକ୍ଷେ ସମସ୍ତ ପୂଜା ମଣ୍ଡପ ନିମନ୍ତେ ସମସ୍ତ ନୀତି ନିୟମକୁ ଆଧାର କରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜରୁରୀକାଳୀନ ଭିତିରେ ଆବଶ୍ୟକ ଡ଼ଷ୍ଟବିନ, ଚୂନ, ବ୍ଲିଚିଂ ଯୋଗାଇ ଦେବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୬. ଆସନ୍ତା ଦଶହରାକୁ ଦୃଷ୍ଟିରେ ରଖାଯାଇ ନିଗମର ବୈଦ୍ୟୁତିକ ବିଭାଗ ଦ୍ୱାରା ନିଗମ ଅଂଚଳରେ ରାସ୍ତାଲୋକ, ମରାମତି ତଥା ବୈଦ୍ୟୁତିକ କାର୍ଯ୍ୟ ଯଥାଶିଘ୍ର କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୭. ଦଶହରା ନିମନ୍ତେ ବିଭିନ୍ନ ୱାର୍ଡ଼ର ରାସ୍ତା ଓ ନାଳ ମରାମତି, ସ୍ଲାବ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ୱାର୍ଡ଼ ୱାରୀ ପ୍ରଦାନ କରାଯାଉଥିବା ୧୦ ଲକ୍ଷ ପ୍ୟାକେଜ ମଧ୍ୟରୁ ୱାର୍ଡ଼ ନଂ-୪୩ ନିମନ୍ତେ ପ୍ରସିଦ୍ଧ ଖୁଦୁରୁକୁଣୀ ପାଇଁ ଉକ୍ତ ପ୍ୟାକେଜ ମଧ୍ୟରୁ "Renovation of Road from Sidheswar Mandir to Durga Mandir at Apparna Nagar in Ward No-43" କାର୍ଯ୍ୟ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ପରିସଂଖ୍ୟାନ ଅଧିକାରୀ
କଟକ ମହାନଗର ନିଗମ, କଟକ